# ଓଡ଼ିଶା ସରକାର
## ସମବାୟ ବିଭାଗ
### ଅଧିସୂଚନା

ଭୁବନେଶ୍ୱର, ତା ୦୧.୦୭.୧୪

ସଂଖ୍ୟା-Agm-Misc-21/14 ୪୧୪୩ /ସମବାୟ, ୦୧.୦୭.୧୪

ଓଡ଼ିଶା କୃଷିଜାତ ଦ୍ରବ୍ୟ ବଜାର ଅଧିନିୟମ, 1956 (1957 ର ଓଡ଼ିଶା ଅଧିନିୟମ 3) ର ଧାରା 4 ର ଉପଧାରା (7) ତଥା ଧାରା 3 ର ଉପଧାରା (1) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ, ରାଜ୍ୟ ସରକାର ଏତଦ୍ୱାରା ରାଜ୍ୟରେ ଥିବା ସମସ୍ତ ନିୟନ୍ତ୍ରିତ ବଜାର କମିଟି (ଆର.ଏମ୍.ସି.) ମାନଙ୍କର ବଜାର ଅଞ୍ଚଳ ସମ୍ପର୍କିତ ଅଧିସୂଚିତ କୃଷିଜାତ ଦ୍ରବ୍ୟ ଯଥା, ଫଳ ଓ ପନିପରିବା ଯାହା ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ଅଧିନିୟମ ର ଧାରା 4 ର ଉପଧାରା (1) ଅନୁଯାୟୀ ସେରୂପେ କୃଷିଜାତ ଦ୍ରବ୍ୟ ଭାବେ ବିନିର୍ଦ୍ଦିଷ୍ଟ କରାଯାଇଅଛି, ସେହି କୃଷିଜାତ ଦ୍ରବ୍ୟ ଗୁଡିକୁ ଅଧିସୂଚନାରୁ ବାଦ୍‌ଦେବା ପାଇଁ ତାଙ୍କର ଅଭିପ୍ରାୟ ଘୋଷଣା କରୁଅଛନ୍ତି ।

ଏହି ଅଧିସୂଚନାଟି ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତହେବା ତାରିଖଠାରୁ ଏକ ମାସ ମଧ୍ୟରେ ଯଦି ଉକ୍ତ ଅଭିପ୍ରାୟ ସଂକ୍ରାନ୍ତରେ ରାଜ୍ୟ ସରକାର କୌଣସି ଆପତ୍ତି ବା ପ୍ରସ୍ତାବ ପାଆନ୍ତି, ତେବେ ତାହାର ସୁବିଚାର କରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

(Signature) ୦୧.୦୭.୧୪

ଉପଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୧୪୪ /ସମବାୟ, ତା ୦୧.୦୭.୧୪

ଏହାର ଏକକିତା ନକଲ ଉପନିର୍ଦ୍ଦେଶକ, ଓଡ଼ିଶା ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ, ଓଡ଼ିଶା, ଭୁବନେଶ୍ୱର ନିକଟକୁ ପଠାଗଲା । ତାହାଙ୍କୁ ଅନୁରୋଧ, ସେ ଓଡିଶା ଗେଜେଟ୍‌ର ଅସାଧାରଣ ସଂସ୍କରଣରେ ଏହି ଅଧିସୂଚନାକୁ ପ୍ରକାଶ କରିବେ ଓ ତାହାର 10(ଦଶ) କିତା ନକଲ ଏହି ବିଭାଗକୁ ପଠାଇବେ ।

ଏହି ଅଧିସୂଚନାଟି ବୈଧାନିକ ଅଟେ ।

(Signature) ୦୧.୦୭.୧୪

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୧୪୫ /ସମବାୟ, ତା ୦୧.୦୭.୧୪

ଏହାର ନକଲ, ନିର୍ଦ୍ଦେଶକ, କୃଷିବିପଣନ, ଓଡ଼ିଶା ଭୁବନେଶ୍ୱର / ମହାପରିଚାଳକ ଓଡ଼ିଶା କୃଷିବିପଣନ ପରିଷଦ / ସମବାୟ ବିଭାଗର ବିଧିପ୍ରକୋଷ୍ଠ ଏବଂ କମ୍ପ୍ୟୁଟର ପ୍ରକୋଷ୍ଠଙ୍କ ଅବଗତ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଗଲା / 5ଟି ଅଧିକା ନକଲ ।

କମ୍ପ୍ୟୁଟର ପ୍ରକୋଷ୍ଠ ଏହି ଅଧିସୂଚନାକୁ ସମବାୟ ବିଭାଗ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ ।

(Signature) ୦୧.୦୭.୧୪

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୪୧୪୬ /ସମବାୟ, ତା ୦୧.୦୭.୧୪

ଏହାର ନକଲ ସମବାୟ ମନ୍ତ୍ରୀ / କମିଶନର ତଥା ଶାସନ ସଚିବ, ଓଡ଼ିଶା ସରକାର, ସମବାୟ ବିଭାଗଙ୍କର ବ୍ୟକ୍ତିଗତ ସଚିବଙ୍କୁ ମାନ୍ୟବର ମନ୍ତ୍ରୀ ଓ କମିଶନର ତଥା ଶାସନ ସଚିବଙ୍କର ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(Signature) ୦୧.୦୭.୧୪

ଉପ ଶାସନ ସଚିବ

ED